# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୬୯ (ଓଡ଼ିଆ ବୁଲେଟିନ)    ସପ୍ତାହ – ୩୫    ତାରିଖ: ୨୮.୦୮.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

### ବିଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ତଥ୍ୟ (୨୨.୦୮.୨୦୨୬ ରୁ ୨୮.୦୮.୨୦୨୬)

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ବୃଷ୍ଟିପାତ (ମିଲି ମିଟର) |
|---|---|---|
| 31 | 23 | 63.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୯-୦୮-୨୦୨୬ | ୩୦-୦୮-୨୦୨୬ | ୩୧-୦୮-୨୦୨୬ | ୦୧-୦୯-୨୦୨୬ | ୦୨-୦୯-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 16 | 17 | 19 | 62 | 25 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 30 | 30 | 29 | 28 | 27 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 25 | 25 | 25 | 25 | 24 |
| ମେଘ ଆବରଣ(ଓକଟା) | 7 | 8 | 8 | 8 | 8 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 92 | 94 | 95 | 95 | 95 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 76 | 75 | 80 | 81 | 84 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 13 | 12 | 11 | 12 | 12 |
| ପବନର ଦିଗ (ଡିଗ୍ରୀ) | 257 | 274 | 274 | 275 | 268 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ମଧ୍ୟମ ଧରଣର ବର୍ଷା ହେବା ସହିତ ଗୋଟେ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ମଧ ସମ୍ଭାବନା ରହିଅଛି ଏବଂ ଏହି ସମୟ ଅବଧିରେ ଆକାଶ ସାଧାରଣତଃ ରୁ ପୂର୍ଣ୍ଣତଃ ମେଘାଚ୍ଛନ୍ନ ରହିପାରେ । ଆଗାମୀ ଦିନଗୁଡ଼ିକରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ନାହିଁ କିନ୍ତୁ ସର୍ବାଧିକ ତାପମାତ୍ରାରେ ସାମାନ୍ୟ ହ୍ରାସ ଦେଖିବାକୁ ମିଳିପାରେ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୧୧ ରୁ ୧୩ କି.ମି. ବେଗରେ ଦକ୍ଷିଣ-ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

## ସାଧାରଣ ଉପଦେଶ

ପାଣିପାଗ କେନ୍ଦ୍ର, ଭୁବନେଶ୍ୱରର ବିସ୍ତାରିତ ପରିସରର ପୂର୍ବାନୁମାନ ଅନୁସାରେ, **ସପ୍ତାହ-୧ (୨୮ ଅଗଷ୍ଟ ରୁ ୩ ସେପ୍ଟେମ୍ବର, ୨୦୨୬)** ମଧ୍ୟରେ ଓଡ଼ିଶାର ଅନେକ ସ୍ଥାନରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଗୋଟିଏ ଦୁଇଟି ସ୍ଥାନରେ **ପ୍ରବଳ ରୁ ଅତି ପ୍ରବଳ ବର୍ଷା** ହେବାର ସମ୍ଭାବନା ରହିଅଛି । ସାମଗ୍ରିକ ଭାବେ, ଏହି ସମୟ ମଧ୍ୟରେ ଓଡ଼ିଶାର **ଅଧିକାଂଶ ଅଞ୍ଚଳରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ ଅଧିକ** ରହିବାର ସମ୍ଭାବନା ରହିଅଛି । **ସପ୍ତାହ-୨ (୪ ରୁ ୧୦ ସେପ୍ଟେମ୍ବର, ୨୦୨୬)** ମଧ୍ୟରେ ଓଡ଼ିଶାର ଅନେକ ସ୍ଥାନରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ସହିତ ଗୋଟିଏ ଦୁଇଟି ସ୍ଥାନରେ **ପ୍ରବଳ ବର୍ଷା** ହେବାର ସମ୍ଭାବନା ରହିଅଛି । ସାମଗ୍ରିକ ଭାବେ, **ଦ୍ୱିତୀୟ ସପ୍ତାହରେ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ ଅଧିକ ଏବଂ ଦକ୍ଷିଣ ଓଡ଼ିଶାର ଅଞ୍ଚଳଗୁଡ଼ିକରେ ସ୍ୱାଭାବିକ** ରହିବାର ସମ୍ଭାବନା ରହିଅଛି ।

- ଚାଷୀମାନଙ୍କୁ ନିମ୍ନାଞ୍ଚଳ ଜମି, ବିଶେଷକରି ଧାନ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ଫସଲ ଜମିରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ଅତିରିକ୍ତ ବର୍ଷାଜଳ ନିଷ୍କାସନ ପାଇଁ ପୂର୍ବରୁ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି।
- ସତର୍କତା ଅବଧି ମଧ୍ୟରେ କୌଣସି ପ୍ରକାରର କୀଟନାଶକ/ରୋଗନାଶକ ତଥା ସାର ପ୍ରୟୋଗ ନକରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି ।
- ବର୍ତ୍ତମାନର ଆର୍ଦ୍ର ଓ ମେଘୁଆ ପାଗ ପରିସ୍ଥିତିରେ ବିଶେଷକରି କବକଜନିତ ରୋଗର ସମ୍ଭାବନା ଥିବାରୁ, ଫସଲରେ କୀଟପତଙ୍ଗ ଓ ରୋଗର ଉପଦ୍ରବ ନିୟମିତ ଭାବେ

ନିରୀକ୍ଷଣ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି ।

**ସଂକ୍ଷିପ୍ତ ଉପଦେଶ**

- ଧାନ ଫସଲରେ ହଳଦିଆ କାଣ୍ଡବିନ୍ଧା ପୋକ ଓ ପତ୍ରମୋଡ଼ା ପୋକର ଆକ୍ରମଣ ପ୍ରତି  ନିୟମିତ ନିରୀକ୍ଷଣ କରନ୍ତୁ ।

**ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ  ଉପଦେଶ**

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ପିଲ ବାହାରିବା ଅବସ୍ଥା | • ଆଗାମୀ ବର୍ଷାର ସ୍ଥିତିକୁ ଧ୍ୟାନରେ ରଖି, ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ଧାନ କ୍ଷେତରେ ପର୍ଯ୍ୟାପ୍ତ ପାଣି ରଖିବା ସହିତ ଅତିରିକ୍ତ ବର୍ଷାଜଳ ନିଷ୍କାସନ ପାଇଁ ଆବଶ୍ୟକ ବ୍ୟବସ୍ଥା କରନ୍ତୁ ।<br>• ଧାନ ଫସଲରେ ହଳଦିଆ କାଣ୍ଡବିନ୍ଧା ପୋକ ଓ ପତ୍ରମୋଡ଼ା ପୋକ ର ନିରୀକ୍ଷଣ ପାଇଁ ଏକର ପିଛା ୪–୫ଟି ଫେରୋମୋନ୍ ଟ୍ରାପ୍ ସ୍ଥାପନ କରନ୍ତୁ । ପ୍ରତି ଟ୍ରାପ୍‌ରେ ୪ କିମ୍ବା ୫ଟି ପୁରୁଷ ପୋକ ଧରାପଡ଼ିଲେ, ଆକାଶ ସଫା ଓ ପବନର ଗତି ଶାନ୍ତ ଥିବା ସମୟରେ ଆବଶ୍ୟକ କୀଟନାଶକ ପ୍ରୟୋଗ କରନ୍ତୁ ।<br>• ଧାନ କ୍ଷେତରେ ଲେଡା ପୋକର ଆକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଶୁଖିଲା ପାଗରେ ପ୍ରତି ହେକ୍ଟର ପିଛା ରାଇନାକ୍ସିପିର ୧୮.୫ ଏସ୍.ସି. @ ୧୫୦ ମିଲି କିମ୍ବା ଫିପ୍ରୋନିଲ୍ ୫ ଏସ୍.ସି. @ ୨୫୦ ମିଲି କିମ୍ବା ଟେଟ୍ରାନିଲିପ୍ରୋଲ୍ ୧୮.୧୮ ଏସ୍.ସି. @ ୨୫୦ ମିଲିକୁ ସିଂଚନ କରିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି ।<br>• ପିଲ ଅବସ୍ଥାର ଥିବା ଧାନ ଗଛରେ ଖେତରୁ ଅଧିକ ପାଣି ନିଷ୍କାସନ କଲାପରେ ପର୍ଯ୍ୟାପ୍ତ ମାଟିର ଆର୍ଦ୍ରତା ରଖି ସାର ପ୍ରୟୋଗ କାର୍ଯ୍ୟ କରନ୍ତୁ । |
| ମକା | ଅଙ୍ଗିୟ ଅବସ୍ଥା | • ବର୍ତ୍ତମାନର ପାଣିପାଗ ପରିସ୍ଥିତି (ଆର୍ଦ୍ର ପାଗ, ମଝିରେ ମଝିରେ ବର୍ଷା, ମେଘୁଆ ଆକାଶ ଏବଂ ଅଧିକ ମାଟି ଆର୍ଦ୍ରତା) ମକାରେ ଫଲ୍ ଆର୍ମିୱର୍ମ, କାଣ୍ଡ ବିନ୍ଧା ପୋକ ଏବଂ ପତ୍ରଜନିତ ରୋଗର ଆକ୍ରମଣ ବୃଦ୍ଧି ପାଇଁ ଅନୁକୂଳ ଅଟେ । ତେଣୁ ଏହି ପୋକ ଓ ରୋଗର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଉଛି ।<br>• ମକା କ୍ଷେତରେ ଜମିଥିବା ଅତିରିକ୍ତ ପାଣିକୁ ଯଥାଶୀଘ୍ର ନିଷ୍କାସନ କରିବା ହେତୁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ, ଯାହାଦ୍ୱାରା ଚେର ବା ମୂଳର କ୍ଷତିକୁ ରୋକାଯାଇପାରିବ ।<br>• ବର୍ଷା ବନ୍ଦ ହେବା ଏବଂ ମାଟି ଚାଷ ଉପଯୋଗୀ ହେବା ପରେ ହିଁ ନାଇଟ୍ରୋଜେନ୍ ଯୁକ୍ତ ସାରର ପ୍ରୟୋଗ କରନ୍ତୁ ଏବଂ ଗଛ ଭାଙ୍ଗି ପଡ଼ିବା (ଲଜିଂ) ରୋକିବା ପାଇଁ ମକା ଗଛର ମୂଳ ପାଖରେ ମାଟି ଚଢ଼ାନ୍ତୁ । |
| ପିଜୁଳି | ଫଳ ଅବସ୍ଥା | • ବଗିଚାରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରି ଗଛ ଚାରିପାଖରେ ଦୀର୍ଘ ସମୟ ଜଳ ଜମି ରହିବାକୁ ଦିଅନ୍ତୁ ନାହିଁ ।<br>• ପ୍ରଚଳିତ ଆର୍ଦ୍ର ଓ ଓଦା ପାଗ ଯୋଗୁଁ, ଗଛର ଫଳ ଓ ପତ୍ରରେ ଆନ୍ଥ୍ରାକ୍ନୋଜ୍, ଫଳ ପଚା ଓ ପତ୍ର ଦାଗ ରୋଗର ଲକ୍ଷଣ ଦେଖିବାକୁ ମିଳିପାରେ ତେଣୁ ଫଳମାଛି ଓ କବକ ଜନିତ ରୋଗର ଆକ୍ରମଣ ପାଇଁ ନିୟମିତ ନିରୀକ୍ଷଣ କରନ୍ତୁ । ଆକ୍ରାନ୍ତ ଓ ଝଡ଼ିଥିବା ଫଳ ସଂଗ୍ରହ କରି ନଷ୍ଟ କରନ୍ତୁ ।<br>• ଉପଯୁକ୍ତ କାନୋପି ପରିଚାଳନା କରି ଗଛ ଭିତରେ ବାୟୁ ଚଳାଚଳ ଓ ସୂର୍ଯ୍ୟକିରଣର ପ୍ରବେଶକୁ ବୃଦ୍ଧି କରନ୍ତୁ । ଏହାଦ୍ୱାରା ଗଛର କାନୋପି ଭିତରେ ଅତ୍ୟଧିକ ଆର୍ଦ୍ରତା କମାଇବାରେ ସହାୟତା ମିଳିଥାଏ । |
| ପନିପରିବା ଚାଷ | ଫୁଲ ଓ ଫଳ ଅବସ୍ଥା | • କ୍ଷେତରେ ଗଛ ମୂଳ ପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ଏବଂ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ସମ୍ଭବ ହେଲେ ଲତାଜାତୀୟ ପନିପରିବାକୁ ବାଉଁଶ କିମ୍ବା ତାର ଟ୍ରେଲିଜ୍ ଯୋଗାଇ ଦିଅନ୍ତୁ, ଯାହାଫଳରେ ଫଳ ମାଟି ସଂସ୍ପର୍ଶରେ ନ ଆସିବ ଏବଂ ରୋଗର ପ୍ରାଦୁର୍ଭାବ କମିଯିବ ।<br>• ଠିଆ ଫସଲକୁ ଆବଶ୍ୟକ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ।<br>• ଫସଲରେ ନିୟମିତ ଭାବରେ ଫଳମାଛି ପୋକର ଆକ୍ରମଣ ଉପରେ ନଜର ରଖନ୍ତୁ ।<br>• ପୋକ ଆକ୍ରାନ୍ତ ଫଳ ଏବଂ ଅନ୍ୟାନ୍ୟ ସଂକ୍ରମିତ ଅଂଶଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରି ଦିଅନ୍ତୁ ।<br>• ନାଲି କଖାରୁ ପୋକ, ଜଉ ପୋକ ଏବଂ ଧଳାମାଛିର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ ।<br>• କ୍ରମାଗତ ମେଘୁଆ ଓ ବର୍ଷା ପାଗ ଯୋଗୁଁ ଡାଉନି ମିଲଡିଉ, ପାଉଡରି ମିଲଡିଉ (ଚୂର୍ଣ୍ଣିଳ ବା ଧଳା ଗୁଣ୍ଡ ପରି ରୋଗ), ଆନ୍ଥ୍ରାକ୍ନୋଜ୍ ଏବଂ ଫଳ ପଚା ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳିପାରେ ତେଣୁ ଏହା ପ୍ରତି ନିୟମିତ ନଜର ରଖନ୍ତୁ । |
| ଗେଣ୍ଡୁ ଫୁଲ ଚାଷ | ଅଙ୍ଗିୟ ଅବସ୍ଥା/ ଫୁଲ ଅବସ୍ଥା | • ବିଗତ ଆର୍ଦ୍ର ଓ ବର୍ଷାପ୍ରବଣ ପାଣିପାଗ ପରିସ୍ଥିତି ଯୋଗୁଁ, ଗେଣ୍ଡୁ ଫୁଲରେ ପତ୍ରଦାଗ ରୋଗ ଓ ଫୁଲ ପଚା ରୋଗର ଲକ୍ଷଣ ପାଇଁ ନିୟମିତ ଭାବେ ନିରୀକ୍ଷଣ କରିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି ।<br>• ଗେଣ୍ଡୁ ଫୁଲ କ୍ଷେତରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ, ଜମିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ଏବଂ ପତ୍ର |

| | | |
|---|---|---|
| | | ଦୀର୍ଘ ସମୟ ଧରି ଓଦା ରହିବାକୁ ଏଡ଼ାନ୍ତୁ କାରଣ ଆଗକୁ ଆହୁରି କିଛି ପରିମାଣର ବର୍ଷା ହେବାର ସମ୍ଭାବନା ଅଛି । ଆକ୍ରାନ୍ତ ପତ୍ର ଓ ଫୁଲଗୁଡ଼ିକୁ ତୋଳି ନଷ୍ଟ କରିଦିଅନ୍ତୁ ।<br>• ଯଦି ରୋଗର ଲକ୍ଷଣ ଦେଖାଦିଏ, ତେବେ ମାଙ୍କୋଜେବ୍ ୭୫% ଡବ୍ଲ୍ୟୁପି @ ୨–୨.୫ ଗ୍ରାମକୁ ପ୍ରତି ଲିଟର ପାଣିରେ ମିଶାଇ ସଫା ଓ ଶାନ୍ତ ପାଗ ଥିବା ସମୟରେ ଗଛରେ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଉଛି । |
| ପଶୁ ପାଳନ | • ବର୍ତ୍ତମାନର ଆର୍ଦ୍ର ଓ ବର୍ଷା ପାଗର ସ୍ଥିତିରେ, କୃଷକମାନଙ୍କୁ ପଶୁ ରହୁଥିବା ଗୁହାଳକୁ ପରିଷ୍କାର, ଶୁଷ୍କ ଓ ଭଲ ବାୟୁ ଚଳାଚଳ ହେଉଥିବା ଅବସ୍ଥାରେ ରଖିବାକୁ ପରାମର୍ଶ ଦିଆଯାଉଛି । ପଶୁମାନଙ୍କୁ ପରିଷ୍କାର ପାନୀୟ ଜଳ ଓ ଶୁଷ୍କ ଖାଦ୍ୟ ଯୋଗାଇବା ସହିତ ଜଳବାହିତ, ରୋଗବାହକଜନିତ ଓ ପରଜୀବୀଜନିତ ରୋଗର ଲକ୍ଷଣ ପାଇଁ ନିୟମିତ ଭାବେ ପଶୁମାନଙ୍କୁ ନିରୀକ୍ଷଣ କରନ୍ତୁ । ଅସୁସ୍ଥ ପଶୁମାନଙ୍କୁ ଅନ୍ୟ ପଶୁଙ୍କଠାରୁ ଅଲଗା ରଖି ତୁରନ୍ତ ପଶୁ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ପଶୁ ରହୁଥିବା ଗୁହାଳ ଚାରିପାଖରେ ଜଳ ନିଷ୍କାସନର ସୁବ୍ୟବସ୍ଥା କରନ୍ତୁ, ଯାହାଦ୍ୱାରା ପାଣି ଜମି ରହିବା ଏବଂ ବର୍ଷାଜଳ ଗୁହାଳ ଭିତରକୁ ପ୍ରବେଶ କରିବାକୁ ରୋକାଯାଇପାରିବ । | |



| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |



- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ଷ୍ଵୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ )https://play.google.com/store/apps/details?id=com.imd.masuam(.।